# ଶ୍ରୀଯୁକ୍ତ ଉମାକାନ୍ତ ସୁବୁଦ୍ଧି

ସଂପ୍ରତି ଭୁବନେଶ୍ୱରସ୍ଥିତ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍‌ସ ଆଣ୍ଡ ମ୍ୟାଟେରିଆଲ୍‌ସ ଟେକ୍ନୋଲଜି' ବା 'ଆଇଏମ୍‌ଏମ୍‌ଟି'ର 'ବାୟୋମିନେରାଲ୍‌ସ' ବିଭାଗରେ ବୈଜ୍ଞାନିକ ଭାବେ ଶ୍ରୀଯୁକ୍ତ ଉମାକାନ୍ତ ସୁବୁଦ୍ଧି କର୍ମରତ। କଟକ ଜିଲ୍ଲାର ମଙ୍ଗରାଜପୁର ଠାରେ ୧୯୮୨ ମସିହା ଜୁଲାଇ ୫ ତାରିଖରେ ଜନ୍ମଗ୍ରହଣ କରି ସେ ୨୦୦୪ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍.ଏସ୍‌ସି. ଡିଗ୍ରୀ ହାସଲ କରିଛନ୍ତି ଏବଂ ୨୦୦୯ରେ ପିଏଚ୍.ଡି. ଉପାଧି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିସିସ୍ ଦାଖଲ କରିଛନ୍ତି।



ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ମାତ୍ର ୬ ବର୍ଷର ଗବେଷଣାକାଳ ଭିତରେ ଶ୍ରୀଯୁକ୍ତ ସୁବୁଦ୍ଧି ଜାତୀୟ ଜର୍ଣ୍ଣାଲ୍‌ରେ ଗୋଟିଏ ଓ ଆନ୍ତର୍ଜାତୀୟ ଜର୍ଣ୍ଣାଲମାନଙ୍କରେ ୭ଟି ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରିଛନ୍ତି। ତାଙ୍କ ଗବେଷଣାର ପ୍ରମୁଖ କ୍ଷେତ୍ର ହେଉଛି, 'ବାୟୋମିନେରାଲ ପ୍ରସେସିଂ' ଓ 'ଡେଭଲପମେଣ୍ଟ ଅଫ୍ ବାୟୋମ୍ୟାଟେରିଆଲ୍‌ସ'। ଜୀବ ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ପ୍ରଭୃତିର ଏକତ୍ର ସହଯୋଗରେ ଜୈବପ୍ରଯୁକ୍ତିବିଦ୍ୟାରେ ଗବେଷଣା କରିବା ତାଙ୍କର ଏକ ବିଶେଷତା। ଗବେଷଣା କାଳରେ ସେ 'ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲଜି'ର ଜୁନିଅର ଫେଲୋଶିପ୍ ଓ 'ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡ଼ିକାଲ ରିସର୍ଚ୍ଚ'ର ସିନିଅର ଫେଲୋଶିପ୍ ଲାଭ କରିଛନ୍ତି। ବର୍ତ୍ତମାନ ସେ ଗବେଷଣା ସାଙ୍ଗକୁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ସମ୍ପର୍କିତ 'ବୋର୍ଡ ଅଫ୍ ଷ୍ଟଡିଜ୍'ର ସଦସ୍ୟ ଅଛନ୍ତି।

ଶ୍ରୀଯୁକ୍ତ ସୁବୁଦ୍ଧି ଓ ସହଯୋଗୀ ଗବେଷକମାନେ ମିଳିତଭାବେ ବ୍ୟାକ୍ଟେରିଆର ଡିଏନ୍‌ଏ ସହାୟତାରେ ପାରଦ ଅପମିଶ୍ରଣର ଚିହ୍ନଟ ପାଇଁ ଏକ ପ୍ରକାର କ୍ଷୁଦ୍ର ସେନ୍‌ସର ଗଠନ କରିପାରିଛନ୍ତି ଯାହା ଏକ ଉଲ୍ଲେଖନୀୟ ସଫଳତା। ସଂପୃକ୍ତ ନିବନ୍ଧକୁ 'ନେଚର ଇଣ୍ଡିଆ' ନାମକ ଏକ ପ୍ରକାଶନ ତରଫରୁ ଫେବୃୟାରୀ ୨୦୦୯ ର ଶ୍ରେଷ୍ଠ ନିବନ୍ଧର ମାନ୍ୟତା ଦିଆଯାଇଛି।

ଜଣେ ଉଦୀୟମାନ ଗବେଷକ ଭାବେ ଶ୍ରୀଯୁକ୍ତ ସୁବୁଦ୍ଧିଙ୍କ ଗବେଷଣାଗତ କୃତିତ୍ୱର ସ୍ୱୀକୃତି ସ୍ୱରୂପ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ୨୦୧୦ ମସିହା ପାଇଁ ତାଙ୍କୁ ଜୀବ ବିଜ୍ଞାନ ବିଭାଗରେ "**ଓଡ଼ିଶା ଯୁବ ବୈଜ୍ଞାନିକ ପୁରସ୍କାର**" ପ୍ରଦାନ କରିବା ସାଙ୍ଗକୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

***